କଂଗ୍ରେସର ଭାରତ ବନ୍ଦ ବିଜେଡି ସହ ଯୌଥ ଉଦ୍ୟମ

# କଂଗ୍ରେସର ଚରିତ୍ର ହିଂସା ଓ ବିଶୃଙ୍ଖଳା

# କଂଗ୍ରେସର ଗୁଣ୍ଡାଗିରିକୁ ଇନ୍ଧନ ଯୋଗାଇଲା ପୋଲିସର ନୀରବତା : ବିଜେପି

- **ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି, ଜିଏସଟି କାଉନସିଲରେ କଥା ଉଠାନ୍ତୁ, ଟିକସ ଛାଡ କରନ୍ତୁ**
- **ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଓ ହୋର୍ଡିଂ ଚିରାଯାଉଛି, ପୋଲିସ ନୀରବଦ୍ରଷ୍ଟା ସାଜୁଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ**
- **ଟିକସଦାତାଙ୍କ ଅର୍ଥ ହରିଲୁଟ ହେଉଛି; ମୁଖ୍ୟମନ୍ତ୍ରୀ ନୀରବଦ୍ରଷ୍ଟା ସାଜିଛନ୍ତି**

**ଭୁବନେଶ୍ୱର, ତା.୧୦/୦୯ :** କଂଗ୍ରେସର ଚରିତ୍ର ହିଂସା ଓ ବିଶୃଙ୍ଖଳା । କଂଗ୍ରେସ ଆନ୍ଦୋଳନ କଲେ ସାଧାରଣ ଲୋକେ ଭୟଭୀତ ହୁଅନ୍ତି । ବିଶୃଙ୍ଖଳା ଆଚରଣ ତାଙ୍କର ଚରିତ୍ର । କଂଗ୍ରେସ କର୍ମୀଙ୍କ ଏହିପରି ଗୁଣ୍ଡାଗିରିକୁ ଇନ୍ଧନ ଯୋଗାଇଲା ରାଜ୍ୟ ପୋଲିସର ନୀରବତା । ଏପରି ଅଭିଯୋଗ କରିଛନ୍ତି ରାଜ୍ୟ ବିଜେପି ଉପ ସଭାପତି ଶ୍ରୀ ସମିର ମହାନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ପେଟ୍ରୋଲ ଉପରେ ଜିଏସଟି ପାଇଁ ଆମେ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରୁଛୁ । ମୁଖ୍ୟମନ୍ତ୍ରୀ ନିଜେ କରୁନାହାନ୍ତି କି ଅର୍ଥମନ୍ତ୍ରୀ ଏ ନେଇ ଜିଏସଟି କାଉନସିଲ ବୈଠକରେ କଥା ଉଠାଉନାହାନ୍ତି । ଆମେ ଆଶା କରୁଛୁ, ଆସନ୍ତା ଜିଏସଟି କାଉନସିଲ ବୈଠକରେ ଏ କଥା ଉଠାନ୍ତୁ ଓ ରାଜ୍ୟ ସରକାର ଟିକସ ଚାଡ କରନ୍ତୁ ବୋଲି ଶ୍ରୀ ମହାନ୍ତି ଆହ୍ୱାନ କରିଛନ୍ତି । ମାତ୍ର ଏପରି ସ୍ଥିତିରେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି ।

ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗର ମୁଖିଆ । ପୋଲିସ ଉପସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଓ ହୋର୍ଡିଂ ଚିରାଯାଉଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି ଆହୁରି ଅଭିଯୋଗ କରି କହିଛନ୍ତି ଯେ, ରାଜ୍ୟର ଟିକସଦାତାଙ୍କ ପଇସାକୁ ହରିଲୁଟ ଚାଲିଛି । ଏନଏଇ ନିଜେ ଶାସକ ଦଳର ବିଧାୟକ ଡ.ଦାମୋଦର ରାଉତ ମଧ୍ୟ କହିଛନ୍ତି । ଚାରା, ସମବାୟ ଋଣ, ଓମଫେଡ ପଲିଥିନ ନାଁରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି । ମୁଖ୍ୟମନ୍ତ୍ରୀ କଣ ଓଡିଶା ଲୁଟ ପାଇଁ ଏମାନଙ୍କୁ ଦାୟିତ୍ୱ ଦେଇଛନ୍ତି କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**